## ସଂକ୍ଷେପରେ

### ସାଇକେଲକୁ ଧକ୍କା ଦେଲା ବାଇକ୍, ୨ ଗୁରୁତର

ତିହିଡ଼ି,୨୪।୩ (ସଞ୍ଜିତ ବଳ)

ଭଦ୍ରକ-ଚାନ୍ଦବାଲି ରାସ୍ତାର ତିହିଡ଼ି କଲେଜ ଛକ ନିକଟରେ ସୋମବାର ମଧ୍ୟାହ୍ନ ୧୨ଟା ବେଳେ ଏକ ସାଇକେଲକୁ ବାଇକ୍ ଧକ୍କା ଦେବାରୁ ଜଣେ ମହିଳାଙ୍କ ସମେତ ୨ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ତିହିଡ଼ି ଥାନା ଅଧୀନ ଫତେପୁର ପଞ୍ଚାୟତ ଗୋଳାପୋଖରୀ ଗ୍ରାମର ସ୍ୱର୍ଣ୍ଣଲତା ବାରିକ(୪୦) ଏବଂ କାହ୍ନୁଚରଣ ସେଠୀ(୨୪)। ସ୍ୱର୍ଣ୍ଣଲତା ଏକ ସାଇକେଲରେ ଘରୁ ତିହିଡ଼ି ବଜାରକୁ ଯାଉଥିବା ବେଳେ ବାଇକ୍‌ରେ ଯାଉଥିବା କାହ୍ନୁଚରଣ ତାଙ୍କୁ ପଛପଟୁ ଧକ୍କା ଦେଇଥିଲେ। ଗୁରୁତର ୨ ଜଣଙ୍କୁ ଚିକିତ୍ସା ପାଇଁ ତିହିଡ଼ି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ସେମାନଙ୍କୁ ଭଦ୍ରକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

# ନିଶା କାରବାର ବନ୍ଦ ଦାବିରେ ରାସ୍ତାରୋକୋ

ଚାନ୍ଦବାଲି/ଘଣ୍ଟେଶ୍ୱର,୨୪।୩ (କିଷାନ ପାତ୍ର/ ବିପିନ ଦାଶ)

ଚୋରାମଦ ଓ ଡ୍ରଗ୍ସ ବେପାର ବନ୍ଦ ଦାବିରେ ସୋମବାର ସକାଳ ୯ଟାରେ ଭଦ୍ରକ-ଚାନ୍ଦବାଲି ମୁଖ୍ୟରାସ୍ତାର ଖେରଙ୍ଗ ବଜାର ନିକଟରେ ରାସ୍ତାରୋକୋ କରାଯାଇଛି। ଖେରଙ୍ଗ ପଞ୍ଚାୟତର ସବୁ ଗାଁରେ ଖୋଲାଖୋଲି ଭାବେ ମଦ, ଡ୍ରଗ୍ସ, ଗଞ୍ଜେଇ ଆଦି କାରବାର ଚାଲିଛି। ଏନେଇ ଖେରଙ୍ଗ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଭଦ୍ରକ ଜିଲାପାଳ, ଅବକାରୀ ବିଭାଗ ଓ ଚାନ୍ଦବାଲି ଅବକାରୀ ଅଧିକାରୀଙ୍କୁ ବାରମ୍ବାର ଲିଖିତ ଭାବେ ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ବାରମ୍ବାର ଅଭିଯୋଗ କରି ନିରାଶ ହେବା ପରେ ସଚେତନ ନାଗରିକ ମଞ୍ଚ ପକ୍ଷରୁ ପ୍ରଶାନ୍ତ ମାଝୀଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ ରାଜରାସ୍ତାରେ ଏକଜୁଟ ହୋଇ ହାତରେ ପ୍ଲାକାର୍ଡ ଧରି ଅବରୋଧ କରିଥିଲେ।


ଖେରଙ୍ଗଠାରେ ରାସ୍ତା ଅବରୋଧ କରି ଲୋକେ ବସି ରହିଛନ୍ତି।

ପ୍ରାୟ ୬ ଘଣ୍ଟା ଧରି ଭଦ୍ରକ-ଚାନ୍ଦବାଲି ମୁଖ୍ୟରାସ୍ତାରେ ଗାଡ଼ି ଚଳାଚଳ ବନ୍ଦ ରହିବା ସହ ଖେରଙ୍ଗ ବଜାରରେ ସବୁ ଦୋକାନ ବଜାର ବନ୍ଦ ରହିଥିଲା। ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ପାଇଁ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଚାନ୍ଦବାଲି ଏସ୍‌ଡିପିଓ ତ୍ରିଲୋଚନ ସେଠୀ, ଚାନ୍ଦବାଲି ଥାନାଧିକାରୀ ପରେଶ ମହାନ୍ତି ଓ ଅବକାରୀ ଏସ୍‌ଆଇ ସନ୍ଦୀପ କୁମାର ପାଢ଼ୀ ଘଟଣାସ୍ଥଳରେ ପହଞ୍ଚି ଧାରଣାକାରୀଙ୍କ ସହ ଆଲୋଚନା କରିଥିଲେ। ଚୋରାମଦ କରବାର ବନ୍ଦ ପାଇଁ ପ୍ରତିଶ୍ରୁତି ମିଳିବା ପରେ ରାସ୍ତା ଅବରୋଧ ହଟିଥିଲା। ଲାଲାଲଳିତ ନାୟକ, ନିଶିକାନ୍ତ ମାଝୀ, ମୁକ୍ତିକାନ୍ତ ରାଉତ, ବାମଦେବ ତରାଇ, ପ୍ରଦୀପ ମାଝୀ, ଅନନ୍ତ ସୁତାର, ସୁକାନ୍ତ ବିଶ୍ୱାଳ, ଅରକ୍ଷିତ ମାଝୀ, ଅର୍ଜୁନ ମାଝୀ, ପୂର୍ଣ୍ଣଚନ୍ଦ୍ର ମାଝୀ, ଆରତି ସୁତାର, ପ୍ରତିମା ମାଝୀ, ସୁରଥୀ ମାଝୀ, ମଞ୍ଜୁଲତା ମାଝୀ, ଶାନ୍ତିଲତା ମାଝୀ, ମିଳିନା ମହାଲିକ ପ୍ରମୁଖ ଏଥିରେ ସାମିଲ ଥିଲେ।

# ସମିତିସଭ୍ୟଙ୍କ ସମେତ ୩ ଗିରଫ

## ଭିତ୍ତିପ୍ରସ୍ତର ଫଳକ ଭାଙ୍ଗିବା ଘଟଣା

ଭଦ୍ରକ/ନଳାଙ୍ଗ,୨୪।୩ (ସନାତନ ରାଉତ/ସାଇଶଙ୍କର ମହାକୁଲ)

ଭଦ୍ରକ ବ୍ଲକର ଅଣ୍ଡେଇପଲ୍ଲୀ ପଞ୍ଚାୟତ ମୀନତି ଦେବୀ ବାଳିକା ଉଚ୍ଚ ବିଦ୍ୟାଳୟର ନୂତନ ଶ୍ରେଣୀଗୃହ ଭିତ୍ତିପ୍ରସ୍ତର ଫଳକ ଭାଙ୍ଗିବା ଘଟଣାରେ ସମିତିସଭ୍ୟଙ୍କ ସମେତ ୩ଜଣଙ୍କୁ ସୋମବାର ଗ୍ରାମାଞ୍ଚଳ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ସମିତିସଭ୍ୟ ଦଶରଥ ସେଠୀ, ତାଙ୍କ ସହଯୋଗୀ ମହେଶ୍ୱର ଜେନା ଓ ତପନ ବାରିକ। ଫଳକରେ ସରପଞ୍ଚ ଓ ସମିତିସଭ୍ୟଙ୍କ ନାମ ନ ଥିବାରୁ ଗତ ୨୨ ତାରିଖରେ ଭିତ୍ତିପ୍ରସ୍ତର ପୂର୍ବରୁ ସରପଞ୍ଚ ଓ ସମିତିସଭ୍ୟଙ୍କ ସହ ତାଙ୍କ ସହଯୋଗୀ ମିଶି ଫଳକକୁ ଭାଙ୍ଗି ଦେଇଥିଲେ। ସେହିଦିନ ଅପରାହ୍ନରେ ଏମ୍‌ପି ଓ ବିଧାୟକ ଫଳକ ଉନ୍ମୋଚନ କରିବାର ଥିଲା। କିନ୍ତୁ ଏହା ପୂର୍ବରୁ ଫଳକ ଭାଙ୍ଗିଦେବା ଘଟଣାକୁ ନେଇ ଭାଜପା କର୍ମୀଙ୍କ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଏନେଇ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମୀନତି ଜେନାଙ୍କ ଅଭିଯୋଗକ୍ରମେ ଗ୍ରାମାଞ୍ଚଳ ଥାନାରେ ଏକ ମାମଲା(ନଂ.୧୪୯/୨୫) ରୁଜୁ ହୋଇଥିଲା।

ଉକ୍ତ ବିଦ୍ୟାଳୟର ଶ୍ରେଣୀଗୃହ ନିମନ୍ତେ ୩୪ ଲକ୍ଷ ୧୪ ହଜାର ୬୮୭ ଟଙ୍କା ବ୍ୟୟ ଅଟକଳ ମଞ୍ଜୁର ହୋଇଥିଲା। ଭିତ୍ତିପ୍ରସ୍ତର ସ୍ଥାପନ ପାଇଁ ସେହିଦିନ ପୂର୍ବାହ୍ନ ୧୦ଟାରେ ଠିକାଦାର ଫଳକ ଲଗାଇଥିଲେ। ଅପରପକ୍ଷେ ରାଜ୍ୟରେ ନୂତନ ସରକାର ଆସିବାର ୮ମାସ ଭିତରେ ଅନେକ ଉନ୍ନତିମୂଳକ କାର୍ଯ୍ୟ ହେଉଥିବାରୁ ତାହାକୁ ବିଜେଡି ସହ୍ୟ କରିପାରୁ ନାହିଁ। ଏଥିରେ ଅସହିଷ୍ଣୁ ହୋଇ ଫଳକ ଭଙ୍ଗାଯାଇଛି। ଏହା ଏକ ନିନ୍ଦନୀୟ ଘଟଣା ବୋଲି ଭାଜପାର ପୂର୍ବତନ ଜିଲା ଉପସଭାପତି ବିଦ୍ୟାଧର ସାହୁ କହିଛନ୍ତି।

# ଧାନବିକ୍ରିରୁ ବଞ୍ଚିତ ପଞ୍ଜୀକୃତ ଚାଷୀ

ଭଣ୍ଡାରିପୋଖରୀ,୨୪।୩(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକର ତେସିଙ୍ଗା ପାକ୍ସ ଅଧୀନ ପନଖା ଗ୍ରାମର ପଞ୍ଜୀକୃତ ଚାଷୀ ବସନ୍ତ କୁମାର ରାଉତ ଚଳିତବର୍ଷ ଧାନ ବିକ୍ରିରୁ ବଞ୍ଚିତ ହୋଇଥିବା ନେଇ ସୋମବାର ପୂର୍ବାହ୍ନରେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଟୋକନ ଅନୁଯାୟୀ ବିକ୍ରି ଧାନ ପରିମାଣ ୭୫ କୁଇଣ୍ଟାଲ ଥିଲା। ଗତ ଜାନୁଆରୀ ୨୫ରୁ ଫେବୃଆରୀ ୨୩ ମଧ୍ୟରେ ତେସିଙ୍ଗା ପାକ୍ସ ମଣ୍ଡିରେ ଧାନ କ୍ରୟ କରାଯିବ ବୋଲି ତାଙ୍କ ମୋବାଇଲକୁ ମେସେଜ ଆସିଥିଲା। ୨୩ ତାରିଖରେ ଟୋକନ ଅବଧି ସରିଗଲା, କିନ୍ତୁ ଧାନ କ୍ରୟ କରାଗଲା ନାହିଁ ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି। ସେହିପରି ଚାଷୀ ଚିତ୍ତରଞ୍ଜନ ବିଶ୍ୱାଳ, ଜୟପ୍ରକାଶ ମହାପାତ୍ର, ସଦାନନ୍ଦ ସାମଲ ଓ ବଳରାମ ପାତ୍ର ଧାନ ବିକି ପାରି ନ ଥିବା ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ଧାନ ବିକ୍ରିରୁ ବଞ୍ଚିତ ଚାଷୀମାନଙ୍କ ଟୋକନ ଅବଧି ବୃଦ୍ଧି ପାଇଁ ବାରମ୍ବାର ଜିଲା ପ୍ରଶାସନକୁ ପତ୍ର ଲେଖାଯାଇଛି। ଜିଲା ପ୍ରଶାସନର ଅନୁମୋଦନ ମିଳିଲେ ଧାନ କ୍ରୟ କରାଯିବ ବୋଲି ପାକ୍ସ ସଭାପତି ନାରାୟଣ ଚନ୍ଦ୍ର ଦାଶ କହିଛନ୍ତି।

# 'ନଦୀ ଉପତ୍ୟକାରୁ ମାନବ ସଭ୍ୟତାର ସୃଷ୍ଟି'


ଉଦ୍‌ଯାପନୀ ଉତ୍ସବରେ ଜିଲାପାଳ ଦିଲୀପ ରାଉତରାଏଙ୍କ ସହ ଅନ୍ୟ ଅତିଥିମାନେ।

## ସରିଲା ମନ୍ତେଇ ମହୋତ୍ସବ

ବାସୁଦେବପୁର/ସାବରଙ୍ଗ, ୨୪।୩ (ନାରାୟଣ ପ୍ରସାଦ ବାରିକ୍/କାଳିପଦ ରାୟ)

ବାସୁଦେବପୁର ବ୍ଲକର ରାଜଘରପୋଖରୀଠାରେ ସାଧନା ସାହିତ୍ୟ ସଂସ୍କୃତି ପରିଷଦ ଆନୁକୂଲ୍ୟରେ ଆୟୋଜିତ ମନ୍ତେଇ ମହୋତ୍ସବ ରବିବାର ରାତିରେ ଶେଷ ହୋଇଛି। ଉଦ୍‌ଯାପନୀ ସମାରୋହରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲାପାଳ ଦିଲୀପ ରାଉତରାଏ ଯୋଗଦେଇ କହିଥିଲେ, ନଦୀ ଉପତ୍ୟକରୁ ମାନବ ସଭ୍ୟତାର ସୃଷ୍ଟି ହୋଇଛି। ନଦୀ ହେଉଛି ମାନବ ସମାଜ ଓ ଜୀବଜଗତ ପାଇଁ ଆଶୀର୍ବାଦ ସଦୃଶ। ଏଣୁ ମନ୍ତେଇ ନଦୀ ପରି ସବୁ ନଦୀର ତଟ ସୁରକ୍ଷା, ଜଳକୁ ପ୍ରଦୂଷଣମୁକ୍ତ କରିବା ପ୍ରତ୍ୟେକ ନାଗରିକଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ। ମନ୍ତେଇ ନଦୀର ପାରିପାର୍ଶ୍ୱିକ ଉନ୍ନତି ଦିଗରେ ସେ ଧ୍ୟାନ ଦେବେ ବୋଲି ଜିଲାପାଳ କହିଥିଲେ। ଅନ୍ୟତମ ବକ୍ତା ଭାବେ ଗୀତିକାର ପଞ୍ଚାନନ ନାୟକ ଯୋଗଦେଇ ନଦୀ ସହ ସଂସ୍କୃତି, ସାହିତ୍ୟ ଓ କବିତାର ଗଭୀର ଆବେଗଭରା ସମ୍ପର୍କ ଅଛି ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ସାମାଜିକ କର୍ମୀ ପାର୍ଥସାରଥୀ ପତଳସିଂ, କାର୍ଯ୍ୟକାରୀ ସମ୍ପାଦକ ଜିତେନ୍ଦ୍ର କୁମାର ନାୟକ, ସରପଞ୍ଚ ଅରୁଣ କୁମାର ମହାନ୍ତି, ସଙ୍ଗଠନ ସମ୍ପାଦକ ବିଦ୍ୟୁତ କୁମାର ନାୟକ, କୋଷାଧ୍ୟକ୍ଷ ରୋହିତ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ସଭାରେ ତ୍ୟାଗଭୂମି ସମ୍ମେଳନର ସଭାପତି ଅଜୟ କୁମାର ନାୟକ ସଭାପତିତ୍ୱ କରିଥିଲେ। ସାଧନା ସାହିତ୍ୟ ସଂସ୍କୃତି ପରିଷଦର ସମ୍ପାଦକ ଶ୍ରୀଗୋବିନ୍ଦ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ବରିଷ୍ଠ ପୋଲିସ ଅଧିକାରୀ ପ୍ରଭାତ କୁମାର ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଯୁବ ଶିଳ୍ପଦ୍ୟୋଗୀ ବୋଧିସତ୍ତ୍ୱ ସଂଘପ୍ରିୟଙ୍କ ସମ୍ବର୍ଦ୍ଧନା ତାଙ୍କ ଅନୁପସ୍ଥିତିରେ ତାଙ୍କ ବାପା ଆଇନଜୀବୀ ପ୍ରଦୀପ କୁମାର ମହାନ୍ତି ଗ୍ରହଣ କରିଥିଲେ।

# ଜନଶୁଣାଣି ଶିବିରରେ ୧୧୯ ଅଭିଯୋଗ


ଶିବିରରେ ଦିବ୍ୟାଙ୍ଗଙ୍କୁ ହୁଇଲ୍‌ଚେୟାର ଓ ଟ୍ରାଇସାଇକେଲ ପ୍ରଦାନ କରାଯାଉଛି।

ବନ୍ତ,୨୪।୩(ହରିନାରାୟଣ ମହାନ୍ତି)

ବନ୍ତ ବ୍ଲକ ସମ୍ମିଳନୀ କକ୍ଷରେ ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବିର ସୋମବାର ପୂର୍ବାହ୍ନ ୧୦ଟାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦିଲୀପ ରାଉତରାଏ ଶିବିରରେ ଯୋଗଦେଇ ସମୁଦାୟ ୧୧୯ଟି ଅଭିଯୋଗ ଶୁଣିଥିଲେ। ସେଥିମଧ୍ୟରୁ ୮୭ଟି ବ୍ୟକ୍ତିଗତ ଓ ୩୨ଟି ସାମୂହିକ ସମସ୍ୟା ସମ୍ବନ୍ଧୀୟ ଅଭିଯୋଗ ଥିଲା। ୩୪ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଛି। ରେଡ୍‌କ୍ରସ୍ ସମ୍ବନ୍ଧୀୟ ଏକ ଅଭିଯୋଗରେ ଆବେଦନକାରୀଙ୍କୁ ଜିଲା ରେଡ୍‌କ୍ରସ୍ ପାଣ୍ଠିରୁ ୪ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ ପାଇଁ ଜିଲାପାଳ ମଞ୍ଜୁର କରିଛନ୍ତି। ଜିଲା ସାମାଜିକ ସୁରକ୍ଷା ଯୋଜନା ଆନୁକୂଲ୍ୟରେ ୨ଟି ହୁଇଲଚେୟାର ଓ ଗୋଟିଏ ଟ୍ରାଇସାଇକେଲ ପ୍ରଦାନ କରାଯାଇଥିଲା। ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଜେନା, ଅତିରିକ୍ତ ଜିଲାପାଳ ସରୋଜ କୁମାର ଦତ୍ତ, ଅତିରିକ୍ତ ଏସ୍‌ପି ବାସୁଦେବ ସ୍ୱାଇଁ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦୁ କୁମାର ସମାଲ, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧାଂଶୁ ଶେଖର ବଳ, ବନ୍ତ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ ପ୍ରମୁଖ ଶିବିରରେ ଯୋଗ ଦେଇଥିଲେ। ଜିଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଓଡ଼ିଶା ଦଳରେ ଭଦ୍ରକର ୪ ଖେଳାଳି


ମନୋନୀତ ହୋଇଥିବା ୪ ଖେଳାଳି।

## ଜାତୀୟ ବରିଷ୍ଠ ଟେନିକଏଟ ପ୍ରତିଯୋଗିତା

ଭଦ୍ରକ, ୨୪।୩ (ରବିନାରାୟଣ ଖିଲାର)

ଭୁବନେଶରର କଳିଙ୍ଗ ଷ୍ଟାଡିୟମ୍‌ରେ ମଙ୍ଗଳବାରଠାରୁ ଜାତୀୟ ବରିଷ୍ଠ ଟେନିକଏଟ ପ୍ରତିଯୋଗିତା ଆରମ୍ଭ ହେବ। ୨୯ ତାରିଖ ଯାଏ ପ୍ରତିଯୋଗିତା ଚାଲିବ। ଓଡ଼ିଶା ଟେନିକଏଟ ସଂଘ ୬ଜଣ ଲେଖାଏ ପୁରୁଷ ଓ ମହିଳା ଖେଳାଳିଙ୍କ ନାମ ଘୋଷଣା କରିଛି। ଏହି ଦଳରେ ଭଦ୍ରକର ୪ ଖେଳାଳି ସ୍ଥାନ ପାଇଛନ୍ତି। ପୁରୁଷ ଦଳରେ ଭଦ୍ରକରୁ ନାରାୟଣ ବେହେରା, ରାଜେଶ ନାୟକ ଓ ନିର୍ମଳ ସେନ, ମହିଳା ଦଳରେ ସୁଇଟସ୍ମିତା ଜେନା ଅଛନ୍ତି। ରାଜ୍ୟସ୍ତରୀୟ ଟେନିକଏଟ ପ୍ରତିଯୋଗିତାରେ ପୁରୁଷ ବିଭାଗରେ ନିର୍ମଳ ଚାମ୍ପିୟନ , ନାରାୟଣ ରନର୍ସଅପ୍, ରାଜେଶ ପଞ୍ଚମ ଓ ମହିଳା ବିଭାଗରେ ସୁଇଟସ୍ମିତା ତୃତୀୟ ସ୍ଥାନ ହାସଲ କରିଥିଲେ। ଏହି ସଫଳତା ନିମନ୍ତେ ଭଦ୍ରକ ଜିଲା ଟେନିକଏଟ ସଂଘର ସମ୍ପାଦକ ମନୋଜ କୁମାର ସାହୁ, ସଭାପତି ଗୋଲକ ନାୟକ, ସୁବାସ ଦିକ୍ଷୀତ, ଭବେଶ ଦାସ, ଚନ୍ଦନ ଦେ, ରାଜତିଲକ ସ୍ୱାଇଁ, ସତ୍ୟଜିତ ପରମାଣିକ, ଗୁରୁଚରଣ ପହି, ବିଶ୍ୱରଞ୍ଜନ ସାହୁ, ଲକ୍ଷ୍ମୀନାରାୟଣ ମହାନ୍ତି, ଶିବ ଚରଣ ସୌରଭ ପ୍ରମୁଖ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ଏଥିସହ ଜାତୀୟସ୍ତରରେ ଭଲ ପ୍ରଦର୍ଶନ ପାଇଁ ଶୁଭକାମନା ଜଣାଇଛନ୍ତି।

# ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା



ଅତିଥିଙ୍କ ଗହଣରେ ଜଣେ ପ୍ରତିଯୋଗୀ ସଙ୍ଗୀତ ପରିବେଷଣ କରୁଛନ୍ତି।

ଭଦ୍ରକ,୨୪।୩(ସନାତନ ରାଉତ)

ଭଦ୍ରକ ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳନ ଉପଲକ୍ଷେ ମଧ୍ୟଇଂରାଜୀ ଓ ହାଇସ୍କୁଲ ସ୍ତରରେ ଓଡ଼ିଆ ଭାଷାରେ ଓଡ଼ିଶା ସମ୍ବନ୍ଧୀୟ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା ସୋମବାର ପୂର୍ବାହ୍ନ ୧୦ଟାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲା ସଂସ୍କୃତି ଭବନରେ ଆୟୋଜିତ ଏହି ପ୍ରତିଯୋଗିତାକୁ ସାଲନ୍ଦୀ ହସ୍ପିଟାଲର ସତ୍ତ୍ୱାଧିକାରୀ ଡା. ପ୍ରଭାସ ଚନ୍ଦ୍ର ମହାନ୍ତି ପରିଚାଳନା କରିଥିଲେ। ସଙ୍ଗୀତ ଗୁରୁ ରାମନାରାୟଣ ମହାନ୍ତିଙ୍କ ନେତୃତ୍ୱରେ ବିଭୂତି ଭୂଷଣ ପଣ୍ଡା, ରମାକାନ୍ତ ଜେନା, ପ୍ରକାଶ ଚନ୍ଦ୍ର ମହାପାତ୍ର, ରମେଶ ଚନ୍ଦ୍ର ରାୟ, ସିତାକାନ୍ତ ଦାସ ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ। ଜୁନିୟର ଗ୍ରୁପ୍‌ରେ ଏସ୍‌ବିଡି ସ୍କୁଲର ସ୍ୱାଭିମାନ ପଣ୍ଡା ୧ମ, ଓଜୋସ୍ମିତା ମହାପାତ୍ର ୨ୟ, ଜ୍ୟୋତି କନ୍‌ଭେଣ୍ଟ ସ୍କୁଲର ସମୀକ୍ଷା ନାୟକ ୩ୟ, ସିନିୟର ଗ୍ରୁପ୍‌ରେ ମଞ୍ଜୁଳା ମଞ୍ଜରୀ ସରସ୍ୱତୀ ଶିଶୁମନ୍ଦିରର ହିମାଦ୍ରୀ ତନୟା ପଣ୍ଡା ୧ମ, ସନ୍‌ସାଇନ୍ ମିଶନ ସ୍କୁଲର ଅନୁଭବ ପାଣି ୨ୟ ଓ ଡିଏଭି ଏସ୍‌ଡିପିଏସ୍ ସ୍କୁଲର ସ୍ମୃତି ସୌଜନ୍ୟା ପୁହାଣ ୩ୟ ସ୍ଥାନ ଅଧିକାର କରିଛନ୍ତି।

# ଯୋଗଦେଲେ ନୂଆ ଥାନା ଅଧିକାରୀ

ଧୁଷୁରୀ,୨୪।୩(ଦୀପ୍ତି ରଞ୍ଜନ ନାୟକ)

ଧୁଷୁରୀ ଥାନାରେ ନୂଆ ଥାନା ଅଧିକାରୀ ଭାବେ ଅଜୟ ସୁଦର୍ଶନ ବାଗେ ସୋମବାର ପୂର୍ବାହ୍ନ ୧୧ଟା ୩୦ରେ ଯୋଗ ଦେଇଛନ୍ତି। ସାଧାରଣ ଲୋକଙ୍କୁ ସେ ନ୍ୟାୟ ଦେବା ସହ ସେମାନଙ୍କ ଅଭିଯୋଗକୁ ପ୍ରାଥମିକତା ଦେବେ ବୋଲି କହିଛନ୍ତି। ପୂର୍ବରୁ ସେ ଭଦ୍ରକ ଟାଉନ ଥାନାରେ କାର୍ଯ୍ୟ କରିଥିଲେ। ମଙ୍ଗଳବାର ସେ ଭାରପ୍ରାପ୍ତ ଥାନାଧିକାରୀ ଶାନ୍ତନୁ ଜେନାଙ୍କଠାରୁ ଦାୟିତ୍ୱ ଗ୍ରହଣ କରିବେ। ଧୁଷୁରୀ ଅଞ୍ଚଳରେ ଚୋରାମଦ କାରବାର, ଜୁଆଖେଳ, କାଠ, କୋଇଲା ଚୋରା ଚାଲାଣ ରୋକିବା ନୂଆ ଥାନା ଅଧିକାରୀଙ୍କ ପାଇଁ ଆହ୍ୱାନ ହୋଇପାରେ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

# ଭାଜପାରେ ମିଶିଲେ ବିଜେଡି କର୍ମୀ


ମିଶ୍ରଣ ପର୍ବରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ଭାଜପା ନେତା ଓ ନୂତନ କର୍ମୀ।

## ପଦ୍ମ ଧରିଲେ କାଉନ୍‌ସିଲରଙ୍କ ସ୍ୱାମୀ, ଶ୍ୱଶୁର

ଧାମନଗର,୨୪।୩ (ଦେବେନ୍ଦ୍ର ଆଦିଆ)

ଧାମନଗର ଏନ୍‌ଏସିର ବହୁ ବିଜେଡି କର୍ମୀ ଭାଜପାରେ ମିଶିଛନ୍ତି। ରବିବାର ରାତିରେ ଭଦ୍ରକ ଭାଜପା କାର୍ଯ୍ୟାଳୟଠାରେ ଏନ୍‌ଏସିର ବହୁ ବିଜେଡି କର୍ମୀ ଦଳ ଛାଡ଼ି ଭାଜପାରେ ଯୋଗ ଦେଇଛନ୍ତି। ଏନ୍‌ଏସି ଅଧ୍ୟକ୍ଷାଙ୍କ ନିଜ ୱାର୍ଡ ୧୧ ନମ୍ବର ୱାର୍ଡର କାଉନସିଲର ସୁବାସିନୀ କରଙ୍କ ସ୍ୱାମୀ ଓ ତାଙ୍କ ସମର୍ଥକ, ୧୦ ନମ୍ବର ୱାର୍ଡର କାଉନସିଲର ଅନସୂୟା ମଲ୍ଲିକଙ୍କ ଶ୍ୱଶୁର ଓ ତାଙ୍କ ପରିବାର ଲୋକ ପଦ୍ମ ଧରିଛନ୍ତି। ସେହିପରି ୧, ୪ ଓ ୫ ନମ୍ବର ୱାର୍ଡର କେତେକ କର୍ମୀ ଭାଜପାରେ ଯୋଗ ଦେଇଛନ୍ତି।

ଭାଜପାରେ ସାମିଲ ହୋଇଥିବା କର୍ମୀମାନେ ଦୁଇବର୍ଷ ଧରି ଏନ୍‌ଏସି ଅଧ୍ୟକ୍ଷାଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ରହିଆସିଥିଲେ। ଏହାକୁ ନେଇ ପୂର୍ବରୁ କାଉନସିଲରମାନେ ବିକ୍ଷୋଭ କରିବା ସହ ଦଳର ଉପରସ୍ତରର ନେତାଙ୍କୁ ମଧ୍ୟ ଜଣାଇଥିଲେ। କୌଣସି ଫଳ ନ ମିଳିବାରୁ ସ୍ୱାଭିମାନ ବଞ୍ଚାଇ ରଖିବା ଓ ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା, କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ନେତୃତ୍ୱ ଉପରେ ଭରସା ରଖି ବିଜେଡି ଛାଡ଼ି ଭାଜପାରେ ସାମିଲ ହୋଇଛନ୍ତି। ପ୍ରାୟ ୯ ମାସ ମଧ୍ୟରେ ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ଅନେକ ଜନକଲ୍ୟାଣ କାର୍ଯ୍ୟ ହାତକୁ ନେଇଛନ୍ତି। ଧାମନଗର ନିର୍ବାଚନମଣ୍ଡଳୀକୁ ବନ୍ୟା ଦାଉରୁ ରକ୍ଷା କରିବା ଓ କ୍ରୀଡ଼ା ଭିତ୍ତିଭୂମି ବିକାଶ ପାଇଁ କାମ କରି ଆସିଛନ୍ତି। ସାମଗ୍ରିକ ବିକାଶକୁ ମଧ୍ୟ ସେ ପ୍ରାଧାନ୍ୟ ଦେଇଛନ୍ତି। ଏନ୍‌ଏସିରେ ବିକାଶଧାରାକୁ ବଜାୟ ରଖିବା ଲାଗି ସେମାନେ ଭାଜପାରେ ସାମିଲ ହୋଇଥିବା କାଉନସିଲର ଅନସୂୟାଙ୍କ ଶ୍ୱଶୁର କୃଷ୍ଣଚନ୍ଦ୍ର ଜେନା କହିଛନ୍ତି। ଭାଜପା କାର୍ଯ୍ୟାଳୟଠାରେ ଆୟୋଜିତ ମିଶ୍ରଣ ପର୍ବରେ ମନ୍ତ୍ରୀ ସୂର୍ଯ୍ୟବଂଶୀ, ଜିଲା ଭାଜପା ସଭାପତି ଭଗବାନ ପଣ୍ଡା, ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଏନ୍‌ଏସି ପ୍ରତିନିଧି କୈଳାସ ଚନ୍ଦ୍ର ମହାପାତ୍ର, ବ୍ଲକ ପ୍ରତିନିଧି ଅଶୋକ ପୁହାଣ, ଏମ୍‌ପିଙ୍କ ପ୍ରତିନିଧି ସରୋଜ ମହାପାତ୍ର, ମନୋରଞ୍ଜନ ମଲ୍ଲିକ, ଅରବିନ୍ଦ ପତି, ଶରତ ମହାନ୍ତି, ହରେକୃଷ୍ଣ ପାଢ଼ୀ, ରଘୁନାଥ ଲେଙ୍କା, ହେମନ୍ତ ପାଢ଼ୀ, ରଞ୍ଜିତା ସ୍ୱାଇଁ, ଚତୁର୍ଭୁଜ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଲଉଡ଼ି ଖେଳ, ନୃତ୍ୟରେ ଦୁଲୁକିଲା ମଞ୍ଚ

## ଯାଦବ ମହାସଭାର ବାର୍ଷିକୋତ୍ସବ

ତିହିଡ଼ି,୨୪।୩(ସଞ୍ଜିତ ବଳ)

ତିହିଡ଼ି ବ୍ଲକର ଅର୍ଜୁନବିନ୍ଧାରେ ନିଖିଳ ଓଡ଼ିଶା ଯାଦବ ମହାସଭା ତିହିଡ଼ି ଶାଖାର ବାର୍ଷିକୋତ୍ସବ ତଥା ଦୋଳ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ରବିବାର ରାତି ୭ଟା ବେଳେ ଅନୁଷ୍ଠିତ ଏହି ମହୋତ୍ସବରେ ଲଉଡ଼ି ଖେଳ ଓ ନୃତ୍ୟରେ ମଞ୍ଚ ଦୁଲୁକିଥିଲା। ଏହାବ୍ୟତୀତ ଯାଦବମାନଙ୍କ ଓଗାଳ ମଧ୍ୟ ବେଶ୍ ମନମୁଗ୍ଧକର ହୋଇଥିଲା। ପଚ୍ଛୁଆ ବର୍ଗ ସଂଘର ରାଷ୍ଟ୍ରୀୟ ସଭାପତି ଦୀପକ ଗୌଡ଼ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀକୃଷ୍ଣଙ୍କ ପୂଜା କରି ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ପରେ ତିହିଡ଼ି ଶାଖା ସଭାପତି ନୃସିଂହ ମହାକୁଡ଼ଙ୍କ ପୌରୋହିତ୍ୟରେ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଗୌଡ଼ ଭାରତୀୟ ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିଥିବା ଯାଦବମାନେ ସଙ୍ଗଠିତ ହେଲେ ସେମାନଙ୍କ ଦାବି ପୂରଣ ହୋଇପାରିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ରାଜ୍ୟ ଗୋପାଳ ସଂଘ ସମ୍ପାଦକ ନାରାୟଣ ଡାଲୁଆ ଯୋଗଦେଇ ଯାଦବମାନେ ଶାସନ ବ୍ୟବସ୍ଥାର ପ୍ରମୁଖ ଅଂଶ ହୋଇଥିଲେ ବି ଆଜିଯାଏ ଅବହେଳିତ ହୋଇ ରହିଥିବା କହିଥିଲେ। ଅନ୍ୟତମ ଅତିଥି ଭାବେ ମହାସଭାର ଉପଦେଷ୍ଟା ରାମଚନ୍ଦ୍ର ବାରିକ, ଗଙ୍ଗାଧର ପରିହାରୀ, ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ବାରିକ, କ୍ଷେତ୍ରବାସୀ ଦାସ, ଦେବେନ୍ଦ୍ର ବାରିକ, ପୋଲିସ ଅଧିକାରୀ ବିଜୟ କୁମାର ଦାସ ମହାପାତ୍ର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଜିଲା ସହସମ୍ପାଦକ ପ୍ରତାପ କୁମାର ମହାକୁଡ଼ ଓ ଅଜୟ ନାୟକ ସଞ୍ଚାଳନ କରିଥିଲେ। ସୁରେନ୍ଦ୍ର ନାୟକ, ଭାଗୀରଥି ନାୟକ, ଦୀନବନ୍ଧୁ ମହାକୁଡ଼, ଶଶିକାନ୍ତ ଦାସ, ଚକ୍ରଧର ନାୟକ, ଉମାକାନ୍ତ ପରିଡ଼ା, ଶ୍ରୀଧର ବାରିକ, ବିଜୟ ବାରିକ, ସର୍ବେଶ୍ୱର ବେହେରା, ମୁନା ପୃଷ୍ଟି ପ୍ରମୁଖ ମଞ୍ଚାସୀନ ଥିଲେ। ଏହିଅବସରରେ ରାଷ୍ଟ୍ରୀୟ ସଭାପତି ଗୌଡ଼ ଓ ପୋଲିସ ଅଧିକାରୀ ଦାସମହାପାତ୍ରଙ୍କୁ ମହାସଭା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ଅଞ୍ଚଳରୁ ଦୋଳ ମହୋତ୍ସବରେ ଯୋଗ ଦେଇଥିବା ଡ୍ୟାମ୍ବ ଗ୍ରୁପ୍ ଏବଂ ଅନ୍ୟ ପ୍ରତିଯୋଗୀଙ୍କ ମଧ୍ୟରେ ଲଉଡ଼ି ଓଗାଳ, ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେମାନଙ୍କ ମଧ୍ୟରୁ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ରାତି ୧ଟା ପର୍ଯ୍ୟନ୍ତ ଚାଲିଥିବା ଏହି ଦୋଳ ମହୋତ୍ସବ ଦେଖିବାକୁ ସ୍ଥାନୀୟ ଅଞ୍ଚଳର ବହୁ ଲୋକଙ୍କ ସମାଗମ ହୋଇଥିଲା।


ପ୍ରତିଯୋଗୀମାନେ ଲଉଡ଼ି ଖେଳୁଛନ୍ତି।

## ସଂକ୍ଷେପରେ

### ହତ୍ୟାକାରୀଙ୍କୁ ୭ବର୍ଷ ସଶ୍ରମ କାରାଦଣ୍ଡ

କେନ୍ଦୁଝର,୨୪।୩(ନରେଶ ଚନ୍ଦ୍ର ପଟ୍ଟନାୟକ/ ଦୀପକ ମିଶ୍ର): କେନ୍ଦୁଝର ଏଡିଜେ ମମିତା ଦାସ ସୋମବାର ଏକ ହତ୍ୟା ମାମଲାର ବିଚାର କରି ଦୋଷୀ ଦୈତାରୀ ଗ୍ରାମର ସୁନାରାମ ମାଝୀ(୩୫)ଙ୍କୁ ୭ବର୍ଷ ସଶ୍ରମ କାରାଦଣ୍ଡ ଶୁଣାଣି କରିଛନ୍ତି। ଏଥିସହ ୧୧ ହଜାର ଟଙ୍କା ଜରିମାନା ଅନାଦାୟେ ଅଧିକ ୬ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ସୂଚନାଯୋଗ୍ୟ, ୨୦୧୯ ଡିସେମ୍ବର ୫ରେ ସୁନାରାମ ଗ୍ରାମର ଲକ୍ଷ୍ମଣ ନାଏଙ୍କ ଘର ଉପରେ ଚଢ଼ିଥିଲେ। ଏହାକୁ ଲକ୍ଷ୍ମଣ ବିରୋଧ କରିବାରୁ ସେ ତାଙ୍କୁ ତଳେ ପକାଇ ମୁଥ ମାରି ଆକ୍ରମଣ କରିବାରୁ ଗୁରୁତର ହୋଇଥିଲେ। ଲକ୍ଷ୍ମଣଙ୍କ ଚିତ୍କାର ଶୁଣି ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେବା ସମୟରେ ତାଙ୍କ ମୃତ୍ୟୁ ଘଟିଥିଲା। ଏନେଇ ମୃତ ଲକ୍ଷ୍ମଣଙ୍କ ସାନଭାଇ ନିତ୍ୟାନନ୍ଦ ୬ ତାରିଖରେ ଦୈତାରୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୫୨/୧୯) ରୁଜୁ କରି ଅଭିଯୁକ୍ତ ସୁନାରାମଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଥିଲା। କେନ୍ଦୁଝର ଏଡିଜେ ୯ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି କାରାଦଣ୍ଡ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଆଡିସନାଲ ପିପି ପ୍ରଫୁଲ୍ଲ କୁମାର ପାତ୍ର ମାମଲା ପରିଚାଳନା କରୁଥିଲେ।

### ବିପଦସଙ୍କୁଳ ଅବସ୍ଥାରେ ପୌରପାଳିକା ହୋର୍ଡିଂ

ଯୋଡା, ୨୪।୩(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକାର ବିଭିନ୍ନ ସ୍ଥାନରେ ରହିଥିବା ପୁରୁଣା ହୋର୍ଡିଂଗୁଡିକ କାଳବୈଶାଖୀ ପ୍ରଭାବରେ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏହି ହୋର୍ଡିଂଗୁଡ଼ିକ ବିଭିନ୍ନ ସ୍ଥାନରେ ଝୁଲି ରହିଥିବାରୁ ଯିବା ଆସିବା ସମୟରେ ଲୋକଙ୍କ ଉପରେ କେଉଁ ମୁହୂର୍ତ୍ତରେ ଖସିପଡିବାର ଆଶଙ୍କା ରହିଛି। ଏହି ହୋର୍ଡିଂଗୁଡିକୁ ପୌରପାଳିକା ପକ୍ଷରୁ ହଟାଇବା ପାଇଁ ଦାବି ହୋଇଛି।

# ଦରମା ନ ପାଇ ଶ୍ରମିକ ଦହଗଞ୍ଜ

## ଜନଶୁଣାଣି ପାଇଁ କମ୍ପାନୀ ହେଉଛି ସଜବାଜ

ଯୋଡ଼ା, ୨୪।୩(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ରୋଇଡ଼ା ପଞ୍ଚାୟତରେ ଥିବା ଓଏମ୍‌ଡିସି କମ୍ପାନୀର ଭଦ୍ରାସାହି ଲୌହ ଓ ମାଙ୍ଗାନିଜ ଖଣି ଦୀର୍ଘ ୧୫ବର୍ଷ ଧରି ବନ୍ଦ ପଡ଼ିଛି। ଲିଜ୍‌ଧାରୀ ଓଏମ୍‌ଡିସି କମ୍ପାନୀର ପ୍ରାୟ ୯୮.୭୦ ହେକ୍ଟର ପରିମିତ ଏହି ବୃହତ ଖଣି ଏକଦା ଖଣି ଅଞ୍ଚଳର ଅଧିବାସୀଙ୍କୁ ରୋଜଗାର ଦେଇଆସୁଥିଲା। ଅନେକ ହଜାର ଶ୍ରମିକ ଏହି ଖଣିରେ କାର୍ଯ୍ୟରତ ଥିଲେ। ୨୦୧୦ରୁ ବିଭିନ୍ନ ବୈଧାନିକ କାରଣବଶତଃ ଏହି ଖଣି ବନ୍ଦ ହୋଇ ଯାଇଥିଲା। ତେଣେ ଏହି ଖଣିରେ ଅନିୟମିତତା ହୋଇଥିବା ହେତୁ ସେଣ୍ଟ୍ରାଲ ଏମ୍ପାୱାର କମିଟି (ସିଇସି) ତଦନ୍ତରେ ଜାଣିବାକୁ ପାଇଥିଲା। ଅଦାଲତ ଦ୍ୱାରା ଖଣି କମ୍ପାନୀଠାରୁ ଜରିମାନା ମଧ୍ୟ ଆଦାୟ ହୋଇଥିଲା। ଏହି ଖଣିକୁ ପୁନର୍ବାର ଚଳାଇବା ପାଇଁ ସରକାରୀ ନିୟମ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ମାର୍ଚ୍ଚ ୨୬ ତାରିଖରେ ଜନଶୁଣାଣିର କାର୍ଯ୍ୟକ୍ରମ ରହିଛି। ତେଣେ ଗଣମାଧ୍ୟମ ଆଗରେ ଖଣିର ଶ୍ରମିକ ସଂଘ ନେତା ଇନ୍ଦ୍ରମଣି ବେହେରା ଅଭିଯୋଗରେ କହିଛନ୍ତି ଯେ, ଠାକୁରାଣୀ ଓ ରୋଇଡ଼ା ଖଣିରେ ୧୩୦ ସ୍ଥାୟୀ ଶ୍ରମିକ କାର୍ଯ୍ୟ କରୁଛନ୍ତି। ୨୦୨୪ ଅଗଷ୍ଟ ମାସରୁ ଦରମା ନ ପାଇ ଆନ୍ଦୋଳନରେ ବସିଛନ୍ତି। ଦୀର୍ଘ ୮ ମାସର ଦରମା ପାଇ ନ ଥିବା ବେଳେ କିଛି ଦିନ ପୂର୍ବେ କେବଳ ଗୋଟିଏ ମାସର ଦରମା କର୍ମଚାରୀମାନଙ୍କୁ ଦିଆଯାଇଛି। ସେଥିମଧ୍ୟରୁ କିଛି ଠିକା ଶ୍ରମିକ ଏଯାବତ ଦରମା ପାଇ ପାରି ନାହାନ୍ତି। କମ୍ପାନୀ କର୍ତ୍ତୃପକ୍ଷ ଆନ୍ଦୋଳନରୁ ଓହରିବା ପାଇଁ ବାରମ୍ବାର ଆନ୍ଦୋଳନକାରୀ ଶ୍ରମିକମାନଙ୍କ ଉପରେ ଚାପ ପକାଉଛନ୍ତି ଏବଂ ଏହାର ସମାଧାନ ଖଣି କମ୍ପାନୀ କରୁ ନ ଥିବା ଶ୍ରମିକ ସଂଘ ନେତା ବେହେରା କହିଛନ୍ତି।

ବେହେରା ଅଧିକ ସୂଚନା ଦେଇ କହିଛନ୍ତି ଯେ, ୧୯୯୩ରେ କେନ୍ଦ୍ର ସରକାରଙ୍କ ଏକ ଗାଇଡ୍‌ଲାଇନ ଅନୁଯାୟୀ, ମୂଲ୍ୟବାନ ମାଙ୍ଗାନିଜ ଖଣିରେ ଠିକା ଶ୍ରମିକ ନିୟୋଜିତ କରି ଖଣିଜ ଉତ୍ତୋଳନ କରାଯାଇପାରିବ ନାହିଁ। ଏହାକୁ ଦୃଷ୍ଟିରେ ରଖି ଓଏମ୍‌ଡିସି ଖଣି କମ୍ପାନୀ ଠିକା ଶ୍ରମିକଙ୍କୁ ସ୍ଥାୟୀ ଭାବେ ନିଯୁକ୍ତି ଦେଇଥିଲା। ହେଲେ ଏହି ଗାଇଡ୍‌ଲାଇନ ବଳବତ୍ତର ଥିବା ବେଳେ କମ୍ପାନୀ କିପରି ଏକ ଘରୋଇ ଠିକା ସଂସ୍ଥା ଜରିଆରେ ଅସ୍ଥାୟୀ ଶ୍ରମିକ ନିୟୋଜିତ କରିବ ଏହା ଉପରେ ବେହେରା ସାଂଘାତିକ ଅଭିଯୋଗ ଆଣିଛନ୍ତି। ଦୀର୍ଘ ୮ମାସ ଧରି ଶ୍ରମିକ ଓ କର୍ମଚାରୀଙ୍କୁ ଦରମା ଦେଇ ପାରୁ ନ ଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଜନଶୁଣାଣିରେ ଜନ ସମର୍ଥନ କିପରି ପାଇବ ଏନେଇ ଆନ୍ଦୋଳନରତ ଶ୍ରମିକମାନେ ପ୍ରଶ୍ନ କରିଛନ୍ତି। ଗତ ମାର୍ଚ୍ଚ ୩ ତାରିଖରେ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ରିଜିଓନାଲ ଲେବର କମିଶନ(ଆର୍‌ଏଲ୍‌ସି)ର ରାଉରକେଲା ଡକାଇବା ସତ୍ତ୍ୱେ ମଧ୍ୟ ସେମାନେ ଯାଇ ନ ଥିଲେ। ପୁନର୍ବାର ମାର୍ଚ୍ଚ ୮ ତାରିଖରେ ଆଲୋଚନା ପାଇଁ ଆର୍‌ଏଲ୍‌ସି ଡାକିଥିଲେ ହେଁ ଏଥିରେ କୌଣସି ଫଳାଫଳ ମିଳିପାରି ନ ଥିଲା ବୋଲି ଆନ୍ଦୋଳନକାରୀ ଶ୍ରମିକ କହିଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ କେନ୍ଦୁଝର ଏମ୍‌ପି ଅନନ୍ତ ନାଏକ ଗତ ୨୦ ତାରିଖରେ ନୂଆଦିଲ୍ଲୀଠାରେ ଇସ୍ପାତ ଓ ଭାରୀଶିଳ୍ପ ମନ୍ତ୍ରୀ ଏଚ୍.ଡି କୁମାରସ୍ୱାମୀଙ୍କୁ ସାକ୍ଷାତ କରି ଲିଖିତ ଭାବେ ଜଣାଇଛନ୍ତି। ଉକ୍ତ ଚିଠିରେ ଏମ୍‌ପି ନାଏକ ଦର୍ଶାଇଛନ୍ତି ଯେ, ଶ୍ରମିକ ଓ କର୍ମଚାରୀମାନଙ୍କୁ ଦରମା ମିଳୁ ନ ଥିବାରୁ ସେମାନେ ଆର୍ଥିକ ସଂକଟ ଦେଇ ଗତି କରୁଛନ୍ତି। ଏଥିରେ ଇସ୍ପାତ ମନ୍ତ୍ରଣାଳୟର ହସ୍ତକ୍ଷେପର ଆବଶ୍ୟକତା ରହିଛି ବୋଲି ଏମ୍‌ପି ନାଏକ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି। ଦରମା ନ ପାଇ ଅର୍ଥ ଅଭାବରୁ ଶ୍ରମିକମାନଙ୍କ ଅବସ୍ଥା ଶୋଚନୀୟ ହେଲାଣି ବୋଲି ସ୍ଥାନୀୟ ଭୂୟାଁ ରୋଇଡ଼ା ସରପଞ୍ଚ ତୁଳସୀ ବବଙ୍ଗା କହିଛନ୍ତି। ଏଣୁ ଏହି ଜନଶୁଣାଣିକୁ ପଞ୍ଚାୟତବାସୀ ବିରୋଧ କରୁଛନ୍ତି। ତେବେ ଜନଶୁଣାଣି ସମ୍ପର୍କିତ କୌଣସି ସୂଚନା କେନ୍ଦୁଝର ଆଞ୍ଚଳିକ ପ୍ରଦୂଷଣ ଅଧିକାରୀ ପ୍ରଶାନ୍ତ କରଙ୍କଠାରୁ ମିଳି ପାରିନାହିଁ ।

## କାଳବୈଶାଖୀରେ ଭାଙ୍ଗିଲା ଅଙ୍ଗନୱାଡି ଘର କାନ୍ଥ



ଛେନାପଦି, ୨୪।୩(ନିରାକାର ପରିଡା): କାଳବୈଶାଖୀ ପ୍ରଭାବରେ ଗତ ଶନିବାର ହାଟଡ଼ିହୀ ବ୍ଲକ ପଡ଼ିଆରିପଲ୍ଲୀ ପଞ୍ଚାୟତ ଦନେଇପୁର ଗ୍ରାମରେ ଥିବା ଏକ ଅଙ୍ଗନୱାଡି କେନ୍ଦ୍ରର ଗୋଟିଏ ପାର୍ଶ୍ୱ କାନ୍ଥରୁ ଇଟା ଭାଙ୍ଗିପଡିଛି। ଘର ମରାମତି କିମ୍ବା ଏହାକୁ ସମ୍ପୂର୍ଣ୍ଣ ଭାଙ୍ଗି ନୂତନ ଘର ନିର୍ମାଣ କରିବାକୁ ଗ୍ରାମର ଅଞ୍ଜଳି ନାୟକ, ରମେଶ ପଲେଇ, ପ୍ରଭାତ ପୃଷ୍ଟି, ସନାତନ ସେଠୀ, ପ୍ରଦୀପ ଦେହୁରୀ, ବେଣୁଧର ପାତ୍ର, ଦୁଃଖିରାମ ସୋରେନ ଓ ଅମର ଦେହୁରୀ ପ୍ରମୁଖ ଦାବି କରିଛନ୍ତି।

ଗ୍ରାମବାସୀଙ୍କ କହିବାନୁସାରେ, ୪ବର୍ଷ ପୂର୍ବେ ଏହି ଅଙ୍ଗନୱାଡି କେନ୍ଦ୍ରର ଗୃହ ନିର୍ମାଣ ହୋଇଥିଲା। ନିର୍ମାଣ ବେଳେ ବ୍ୟବହୃତ ନିମ୍ନମାନର ସାମଗ୍ରୀ ବ୍ୟବହାର ଯୋଗୁ ଗୃହଟି ଖୁବ୍ ଅଳ୍ପଦିନ ମଧ୍ୟରେ ଫାଟିବା ଆରମ୍ଭ କରିଥିଲା। ଫଳରେ ଏବେ ଘରର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଫାଟ ଦେଖାଯାଉଛି। ଏପରିକି ଘରର ଛାତ ଅବସ୍ଥା ମଧ୍ୟ ବିପଦସଙ୍କୁଳ ଥିବା ଗ୍ରାମବାସୀ କହିଛନ୍ତି। ସାମାନ୍ୟ ଘୂର୍ଣ୍ଣିଝଡ଼ ବା କାଳବୈଶାଖୀ ପ୍ରଭାବରେ ଯଦି ଅଙ୍ଗନୱାଡି କେନ୍ଦ୍ରର ଅବସ୍ଥା ଏମିତି ହେଉଛି ତେବେ ମାତ୍ରାଧିକ ଝଡ଼ ତୋଫାନରେ ଗୃହର ଅବସ୍ଥା କଣ ହେବ ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଆଶଙ୍କା ଦେଖାଦେଇଛି। ଉକ୍ତ ଅଙ୍ଗନୱାଡି କେନ୍ଦ୍ରରେ ୨୫ଜଣ ପିଲାଙ୍କ ନାମ ରହିଛି। ଏବେ ୨୦ଜଣ ପିଲା ନିୟମିତ ଆସୁଛନ୍ତି। ତେବେ ଏଭଳି ବିପଦପୂର୍ଣ୍ଣ ଘରେ ପିଲାମାନେ କିପରି ସୁରକ୍ଷିତ ଭାବେ ବସି ଅଧ୍ୟୟନ କରିବେ ତାକୁ ନେଇ ଅଭିଭାବକମାନେ ଚିନ୍ତାରେ ପଡ଼ିଛନ୍ତି। ସେହିପରି ସୁଲଣ ପଞ୍ଚାୟତ ଜଳସରପୁର ଓ କେ.ବାଲିପାଳ ଅଙ୍ଗନୱାଡି କେନ୍ଦ୍ରର କ୍ଷୟକ୍ଷତି ହୋଇଥିବା ନେଇ ସିଡିପିଓ ସୂଚନା ଦେଇଛନ୍ତି। ଏନେଇ ହାଟଡ଼ିହୀ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଉମାମଣି ମହାପାତ୍ରଙ୍କୁ ପଚାରିବାରୁ ପୂର୍ବରୁ ଅନେକ ଅଙ୍ଗନୱାଡି କେନ୍ଦ୍ରର ଅବସ୍ଥା ଭଲ ନ ଥିବା ନେଇ ଆମେ ଅଭିଯୋଗ କରିଥିଲୁ। ଏବେ ମରାମତି ନିର୍ଦ୍ଦେଶ ଆସିଛି। ଖୁବ୍‌ଶୀଘ୍ର ମରାମତି କାର୍ଯ୍ୟ ହେବ ବୋଲି କହିଛନ୍ତି।

## କାଳବୈଶାଖୀ କ୍ଷୟକ୍ଷତି ବୁଲି ଦେଖିଲେ କୃଷି ଅଧିକାରୀ




କୃଷି ଅଧିକାରୀ ସୂର୍ଯ୍ୟମୁଖୀ ଚାଷ କ୍ଷେତରେ କ୍ଷୟକ୍ଷତି ଦେଖୁଛନ୍ତି।

ଚମ୍ପୁଆ, ୨୪।୩ (ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ଓ ଝୁମ୍ପୁରା ଅଞ୍ଚଳରେ କାଳବୈଶାଖୀ ପ୍ରଭାବରେ ବର୍ଷା ସାଙ୍ଗକୁ କୁଆପଥର ମାଡ଼ ଯୋଗୁ ଚାଷ ପ୍ରଭାବିତ ହୋଇଛି। ମୁଖ୍ୟ ଜିଲା କୃଷି ଅଧିକାରୀ ପର୍ଶୁରାମ ବେହେରା ଓ କୃଷି ଜିଲା ଅଧିକାରୀ ସତ୍ୟବାନ ସୋରେନ ସୋମବାର ପୂର୍ବାହ୍ନ ୧୧ଟା ବେଳେ କ୍ଷୟକ୍ଷତି ବୁଲି ଦେଖିବା ସହ ଚାଷୀମାନଙ୍କ ସହ ଆଲୋଚନା କରିଛନ୍ତି।

ଗତ ୨୧, ୨୩ ତାରିଖରେ ଚମ୍ପୁଆ ଓ ଝୁମ୍ପୁରା ଅଞ୍ଚଳରେ କାଳବୈଶାଖୀ ତାଣ୍ଡବ ରଚିଥିଲା। ବର୍ଷା ସାଙ୍ଗକୁ କୁଆପଥର ମାଡ଼ରେ ମକା, ସୋରିଷ, ବିଲାତି, ଚଣା, ବୋଇତାଳୁ, ସୂର୍ଯ୍ୟମୁଖୀ, ପୋଇ, ଲଙ୍କା, ତରଭୁଜ ଆଦି ଚାଷ ପ୍ରଭାବିତ ହୋଇଛି। ବର୍ଷା ଯୋଗୁ ବିଲରେ ପାଣି ଜମି ରହିଥିବାରୁ ବୋଇତାଳୁ ଓ ବିଲାତି ଚାଷ ଉଜୁଡ଼ି ଯାଇଥିବା ବେଳେ କୁଆପଥର ମାଡ଼ରେ ସୂର୍ଯ୍ୟମୁଖୀ, ମକା ଚାଷ ଆଦି ନଷ୍ଟ ହୋଇଛି। କୃଷି ଜିଲା ଅଧିକାରୀ ସୋରେନ ଚମ୍ପୁଆ ଅଞ୍ଚଳର ଗୋଧୂଳି, ପାଞ୍ଚପୋଖରିଆ, ଝୁମ୍ପୁରାର ଅସୁକି, ଅସୁରିଆ ଆଦି ଅଞ୍ଚଳର ମକା, ସୂର୍ଯ୍ୟମୁଖୀ ଚାଷ କ୍ଷୟକ୍ଷତି ଅନୁଧ୍ୟାନ କରିଥିଲେ।

## ଶିକ୍ଷା ସଚେତନତା ରଥ ପରିକ୍ରମା

ବଡଲା,୨୪।୩ (ଦୁର୍ଗା ପ୍ରସାଦ ଆୟଚ): ହାଟଡିହୀ ବ୍ଲକର ଆସ୍ୱାୟାର ପକ୍ଷରୁ ସୋମବାର ମଧ୍ୟାହ୍ନରେ ଶିକ୍ଷା ସଚେତନତା ରଥ ପରିକ୍ରମା କରାଯାଇଛି। ପ୍ରଥମେ ସଢା ପଞ୍ଚାୟତ କାର୍ଯ୍ୟାଳୟରୁ ସଚେତନତା ରଥ ଶୁଭାରମ୍ଭ କରାଯାଇଥିଲା। ସଢ଼ା, ସୋସୋ, ବାଲିବରେଇ, ଧନୁର୍ଜୟପୁର ଆଦି ପଞ୍ଚାୟତରେ ଏହି ରଥ ପରିକ୍ରମା କରି ସଚେତନ କରାଇଛି। ଶୁଭାରମ୍ଭ ବେଳେ ବ୍ଲକ ସଂଯୋଜକ କୃପାସିନ୍ଧୁ ସିଂ, ଶିକ୍ଷା ସଂଯୋଜକ ଦୁଷ୍ମନ୍ତ କୁମାର ସାହୁ, ଏମ୍‌ଆଇଏସ୍ ସୁମିତ୍ ଶୁଭାଶିଷ ପାତ୍ର, ଦଶରଥ ମାଝୀ, ପ୍ରିୟଙ୍କା ଖୁଣ୍ଟିଆ, ନିବେଦିତା ମଲ୍ଲିକ, ନାରାୟଣ ପାତ୍ର, ଦୀପାଞ୍ଜଳି ମହାଲିକ, ତୁଷାର ଜେନା, ସତ୍ୟଶ୍ରୀ ନାୟକ, ଅବିନାଶ ଆୟଚ ପ୍ରମୁଖ ଯୋଗ ଦେଇଥିଲେ। ଅଙ୍ଗନୱାଡି କର୍ମୀ, ଆଶାକର୍ମୀ ଓ ଅଭିଭାବକ ଉପସ୍ଥିତ ଥିଲେ।

## ବାଲ୍ୟବିବାହ କରିଥିବା ନାବାଳିକାଙ୍କୁ ଉଦ୍ଧାର କଲା ପ୍ରଶାସନ

ପାଟଣା, ୨୪।୩(ବୀର କିଶୋର ଦାଶ): ୨ଦିନ ବାଲ୍ୟ ବିବାହ ହୋଇଥିବା ଜଣେ ୧୫ବର୍ଷୀୟା ନାବାଳିକାଙ୍କୁ କେନ୍ଦୁଝର ଜିଲା ପାଟଣା ପ୍ରଶାସନ ପକ୍ଷରୁ ସୋମବାର ଉଦ୍ଧାର କରାଯାଇଛି। କଣ୍ଟିଆପଡ଼ା ବେହେରା ସାହିର ଉକ୍ତ ନାବାଳିକା ଉକ୍ତ ଗ୍ରାମର ଜଣେ ୧୭ବର୍ଷର ନାବାଳକଙ୍କୁ ୨ଦିନ ତଳେ ବାରିଆ ଥାନା ଅଧୀନ ଏକ ଗାଁରେ ବିବାହ କରିଥିଲେ। ଏହି ବାଲ୍ୟବିବାହ ନେଇ ଚାଇଲ୍ଡ ହେଲ୍ପଲାଇନରେ ଜଣେ ବ୍ୟକ୍ତି ଅଭିଯୋଗ କରିବା ପରେ ପ୍ରଶାସନ ପକ୍ଷରୁ ନାବାଳିକାଙ୍କୁ ଉଦ୍ଧାର କରାଯାଇଛି।

ସୋମବାର ଚାଇଲ୍ଡ ହେଲ୍ପଲାଇନ ପକ୍ଷରୁ ସୁପରଭାଇଜର ରୋହିତ କୁମାର ମହାନ୍ତ, ପ୍ରୋଜେକ୍ଟର୍ ଉଷାମଣି ମହାନ୍ତ, ସୁପରଭାଇଜର ନୀଳିମା ଲୋହାର, ପାଟଣା ସିଡିପିଓ କଳ୍ପନା ଦୋରା, ଅଙ୍ଗନୱାଡି କର୍ମୀ ନିବେଦିତା ମୁଣ୍ଡା, ତୁରୁମୁଙ୍ଗା ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତି, ଏଏସ୍‌ଆଇ ବି. କେ. ବେହେରା ପ୍ରମୁଖ ନାବାଳିକାଙ୍କୁ ଉଦ୍ଧାର କରି ଶିଶୁ ମଙ୍ଗଳ ସମିତିକୁ ହସ୍ତାନ୍ତର କରିଛନ୍ତି। ପରେ ତାଙ୍କୁ ମୁକ୍ତାଶ୍ରୟ କେନ୍ଦ୍ରକୁ ପଠାଯିବ ବୋଲି ଚାଇଲ୍ଡ ହେଲ୍ପଲାଇନ ସୁପରଭାଇଜର ରୋହିତ କୁମାର ମହାନ୍ତ କହିଛନ୍ତି।



# ଶିମିଳିପାଳରେ ୭ ସ୍ନାଇଫର ଡଗ୍ ସ୍କ୍ୱାଡ୍

ବାରିପଦା,୨୪।୩
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଶିମିଳିପାଳ ଅଭୟାରଣ୍ୟକୁ ଶିକାର ଓ ଶିକାରୀଙ୍କ ଦାଉରୁ ମୁକ୍ତ କରିବାକୁ ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ଶିକାରୀକୁ ଧରିବା ଓ ଶିକାର ସରଞ୍ଜାମକୁ ଜବତ କରିବା ନିମନ୍ତେ ବନ ବିଭାଗ ପକ୍ଷରୁ ସ୍ନାଇଫର ଡଗ୍ ସ୍କ୍ୱାଡ୍ ନିୟୋଜନକୁ ବୃଦ୍ଧି କରାଯାଇଛି। ୩ବର୍ଷ ମଧ୍ୟରେ ୭ଟି ସ୍ନାଇଫର ଡଗ୍ ସ୍କ୍ୱାଡ୍‌କୁ ସୁରକ୍ଷା କ୍ଷେତ୍ରରେ ନିୟୋଜିତ କରାଯାଇଛି। ଏ ନେଇ ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ(ଆର୍‌ସିସିଏଫ୍) ତଥା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡା.ପ୍ରକାଶ ଚାନ୍ଦ ଗୋଗିନେନୀ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ବନ୍ୟଜନ୍ତୁ ଶିକାର ରୋକିବା ପାଇଁ ଶିମିଳିପାଳ ଅଭୟାରଣ୍ୟର ସମ୍ବେଦନଶୀଳ ତଥା ଅପହଞ୍ଚ ଇଲାକାରେ ପାଟ୍ରୋଲିଂକୁ ଅଧିକ କ୍ରିୟାଶୀଳ କରିବା ନିମନ୍ତେ ସ୍ନାଇଫର ଡଗ ସ୍କ୍ୱାଡ୍ ସହିତ ବିଭାଗୀୟ ଟିମ୍ ଯୋଡ଼ି ହୋଇଛନ୍ତି ।

ମହାବଳ ବାଘ ଓ ହସ୍ତୀକୁ ନେଇ ଶିମିଳିପାଳ ଅଭୟାରଣ୍ୟ ବେଶ ପରିଚିତ। ଯାହାକୁ ନେଇ ବିଶ୍ୱ ଦରବାରରେ ସ୍ୱତନ୍ତ୍ର ପରିଚୟ ହାସଲ କରିପାରିଛି। ଏହାର ପ୍ରାକୃତିକ ଶୋଭାରାଜି ଓ ବନ୍ୟଜନ୍ତୁଙ୍କ ସମ୍ଭାର ଦୂରଦୂରାନ୍ତର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ଏହାର ସୁରକ୍ଷା ଦିଗରେ ବନ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି। ନିଆଁ, ଶିକାରୀ ଓ କାଠ ଚୋରଙ୍କ ଦାଉରୁ ସୁରକ୍ଷା ଦେବା ପାଇଁ ସ୍ନାଇଫର ଡଗ୍ ସ୍କ୍ୱାଡ୍ ପରିମାଣ ଦିନକୁ ଦିନ ବୃଦ୍ଧି କରାଯାଉଛି। ଫଳରେ ବନ ବିଭାଗର ଚଖାଉ ସମୟରେ ଏହି ଡଗ୍ ସ୍କ୍ୱାଡ୍ ସହଜରେ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହେଉଛି। ଏହାକୁ ନେଇ ୨୦୨୧ରେ ଦ୍ରୋଣ(ଅଣ୍ଡିରା) ଓ ମାୟା(ମାଈ) ନାମକ ଜର୍ମାନ ସଫର୍ଡ ଦୁଇଟି ତାଲିମପ୍ରାପ୍ତ ସ୍ନାଇଫର ଡଗ୍‌କୁ ନିୟୋଜିତ କରାଯାଇଥିଲା । ପରବର୍ତ୍ତୀ ସମୟରେ ଏହାର ସଫଳତା ମିଳିବା ପରେ ୨୦୨୪ରେ ଲିଓ(ଅଣ୍ଡିରା)ନାମକ ବେଲିଜିୟମ ସଫର୍ଡ, ଖଇରୀ(ମାଈ) ବେଲିଜିୟମ ସଫର୍ଡ ଓ ହନି(ମାଈ) ଜର୍ମାନ ସଫର୍ଡ ନାମକ ତିନୋଟି ଡଗ୍‌କୁ ଏଥିରେ ସାମିଲ କରାଯାଇଛି। ସେହିପରି ୨୦୨୫ରେ ଏକ ବର୍ଷରୁ କମ୍ ଜର୍ମାନ ସଫର୍ଡର ଚଙ୍କ(ମାଈ) ଓ ନନ୍ଦ ନାମକ(ଅଣ୍ଡିରା) ଦୁଇଟି ଡଗ୍‌କୁ ତାଲିମ୍ ପ୍ରଦାନ କରାଯାଉଛି । ଏହା ଦ୍ୱାରା ଶିମିଳିପାଳ ଅନୁପ୍ରବେଶ କରୁଥିବା ଶିକାରୀଙ୍କ ପାଦ ଚିହ୍ନ ଓ ଶିକାର ସରଞ୍ଜାମଙ୍କ ଗନ୍ଧ ଦେବା ପରେ ଶିକାରୀଙ୍କ ଗତିବିଧି ସମ୍ପର୍କରେ କୁକୁର ସୂଚନା ଦେଇଥାଏ। ଏହି ସ୍ନାଇପର ଡଗ୍‌ମାନଙ୍କୁ ସ୍ୱତନ୍ତ୍ର ଭାବେ ତାଲିମ ପ୍ରଦାନ କରିବା ପରେ ଗାଇଡ୍ ମାଷ୍ଟରମାନେ ଅନୁଧ୍ୟାନ କରିଥାନ୍ତି। ସେମାନଙ୍କ ଆଘ୍ରାଣ ଶକ୍ତି ପ୍ରଖର ଥିବାରୁ ଶିକାରୀଙ୍କ ଗନ୍ଧକୁ ନେଇ ଚଳପ୍ରଚଳ କରିବା, ମୃତ ବନ୍ୟଜନ୍ତୁ ଠାବ କରିବା ସହ ଶିକାର ଉଦ୍ଦେଶ୍ୟରେ ବସାଯାଇଥିବା ସରଞ୍ଜାମକୁ ଖୋଜି ବାହାର କରିବାରେ ସକ୍ଷମ ହୋଇଥାଏ। ତେବେ ବର୍ଷା ଦିନେ ଶିକାରୀଙ୍କ ଗନ୍ଧ ପାଇବା ଅତ୍ୟନ୍ତ କଷ୍ଟକର ହୋଇପଡ଼ିଥାଏ। ଶିମିଳିପାଳର ଅପହଞ୍ଚ ଇଲକାରେ ପାଟ୍ରୋଲିଂ କେବଳ ହାତୀ ଦ୍ୱାରା ହିଁ ସମ୍ଭବ ହୋଇଥାଏ। ଏଣୁ ଡଗ୍ ସ୍କ୍ୱାଡ୍ ସହିତ ବନ କର୍ମଚାରୀମାନେ ଠିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ଶିକାର ରୋକିବା ସମ୍ଭବ ହୋଇପାରିବ ବୋଲି ପରିବେଶବିତ୍‌ମାନେ ପ୍ରକାଶ କରିଛନ୍ତି । ସେହିପରି ଶିମିଳିପାଳର ଉତ୍ତର ଓ ଦକ୍ଷିଣ ଡିଭିଜନରେ ଥିବା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉପରେ କେନ୍ଦ୍ର ଓ ରାଜ୍ୟ ସରକାର ଗୁରୁତ୍ୱ ଦେଇ ଆସୁଛନ୍ତି । ରାଜ୍ୟରେ କେବଳ ଶିମିଳିପାଳ ଅଭୟାରଣ୍ୟରେ ମହାବଳ ବାଘ ଓ କଳାବାଘ ପାଇଁ ଉତ୍ତମ ପରିବେଶ ରହିଛି। ଏହି ପ୍ରକଳ୍ପରେ ବନ୍ୟଜନ୍ତୁଙ୍କୁ ସୁରକ୍ଷା ଦେବା ନିମନ୍ତେ ବନ ବିଭାଗ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଶିକାରୀମୁକ୍ତ ଶିମିଳିପାଳ ଅପରେଶନ ବର୍ଷ ତମାମ ଜାରି ରହିଛି। ଏଥି ନିମନ୍ତେ ୱାଚ ଟାୱାର, ସ୍ୱତନ୍ତ୍ର ବ୍ୟାଘ୍ର ସୁରକ୍ଷା ଫୋର୍ସ, ଅବସରପ୍ରାପ୍ତ ଆର୍ମି ଷ୍ଟାଫ, କ୍ଷେତ୍ର କର୍ମଚାରୀ, ସୁରକ୍ଷା ସହାୟକ, ଡଗ୍ ସ୍କ୍ୱାଡ୍, ପୋଲିସ ଓ ବନ କର୍ମଚାରୀଙ୍କ ଟାସ୍କ ଫୋର୍ସ ଆଦି ସୁରକ୍ଷା ଦିଗରେ ନିୟୋଜିତ ରହିଛନ୍ତି। ମୌସୁମୀ ଜନିତ ବର୍ଷା ଯୋଗୁ ଶିମିଳିପାଳକୁ ପର୍ଯ୍ୟଟକଙ୍କ ପ୍ରବେଶ ବନ୍ଦ କରାଯାଇଥାଏ। ଏହି ସମୟରେ ଶିକାରୀମାନଙ୍କ ପାର୍ଦ୍ଦୁର୍ଭାବ ବୃଦ୍ଧି ପାଇବାର ଆଶଙ୍କା ଥିବା ଦୃଷ୍ଟିରେ ରଖି ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଉଛି ବୋଲି ବିଭାଗ ସୂଚନା ଦେଇଛି।



ଶିମିଳିପାଳ ସୁରକ୍ଷାରେ ନିୟୋଜିତ ସ୍ନାଇଫର ଡଗ୍ ସ୍କ୍ୱାଡ୍ ।

## ସାଇଁକୁଳା ଦୋଳ ମେଳନରେ ନଗର ଉନ୍ନୟନ ମନ୍ତ୍ରୀ

ଗୋପବନ୍ଧୁ ନଗର,୨୪।୩
(ଶାନ୍ତନୁ କୁମାର ମଣ୍ଡୁଆଳ)

ଗୋପବନ୍ଧୁ ନଗର ବ୍ଲକ ଅଧୀନ ସାଇଁକୁଳା ଦୋଳ ମେଳନରେ ନଗର ଉନ୍ନୟନ ଓ ଗୃହ ନିର୍ମାଣ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ପହଞ୍ଚି ବିଗ୍ରହ ଦର୍ଶନ କରିଛନ୍ତି। ତାଙ୍କ ସହିତ ମୟୂରଭଞ୍ଜ ଜିଲା ଭାଜପା ସଭାପତି ନିହାର ରଞ୍ଜନ ମୋଦି ଓ ଜିଲା ଉପସଭାନେତ୍ରୀ ମଧ୍ୟ ପରିଦର୍ଶନରେ ଆସିଥିଲେ। ଦୋଳ କମିଟି ସଦସ୍ୟ ଏବଂ ଗ୍ରାମବାସୀ ପୁଷ୍ପଗୁଚ୍ଛ ଦେଇ ମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ପରେ ରତିକାନ୍ତ ମିଶ୍ର, ରବୀନ୍ଦ୍ର ମିଶ୍ର, ଦୋଳ କମିଟିର ସଦସ୍ୟ ଏବଂ ଗ୍ରାମବାସୀଙ୍କ ସହିତ ଶ୍ୟାମରାୟ ମହାପ୍ରଭୁଙ୍କ ମନ୍ଦିର ଦର୍ଶନ କରିବାକୁ ଯାଇଥିଲେ। ମନ୍ଦିରର ଉନ୍ନତୀକରଣ ପାଇଁ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ।

## ସ୍ତ୍ରୀଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ କରି ସ୍ୱାମୀ ଗିରଫ

ମୋରଡ଼ା,୨୪।୩(ସ୍ମାରକ ମାଜୀ)– ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଧୀନ ବଡ଼ଫେରା ଗ୍ରାମର ଜଣେ ଯୁବକ ତାଙ୍କ ସ୍ତ୍ରୀଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ କରି ଗିରଫ ହୋଇଛନ୍ତି। ଥାନା ଅଧିକାରୀ ସୁମିତ ସରେନଙ୍କ ସୂଚନା ମୁତାବକ, ଯୁବକ ଜଣକ ତାଙ୍କ ସ୍ତ୍ରୀଙ୍କୁ ଯୌତୁକ ନିର୍ଯାତନା ଦେଉଥିବା ବେଳେ ଦ୍ୱିତୀୟ ବିବାହ କରିଥିଲେ। ତେବେ ପ୍ରଥମ ସ୍ତ୍ରୀଙ୍କ ସହିତ ଝଗଡ଼ା ହେବାରୁ ସେ ତାଙ୍କର ଅଶ୍ଳୀଳ ଭିଡିଓ ଭାଇରାଲ କରିଥିଲେ। ଯାହାଫଳରେ ପ୍ରଥମ ସ୍ତ୍ରୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୋଲିସ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି।

## ବିପନ୍ନ ପରିବାର ପାଇଲେ ସହାୟତା ରାଶି

ବାରିପଦା,୨୪।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)– ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଓ ବିଶୋଇ ଅଞ୍ଚଳରେ କାଳବୈଶାଖୀ ପ୍ରଭାବରେ କ୍ଷତିଗ୍ରସ୍ତ ପରିବାରକୁ ସୋମବାର ସରକାରୀ ସହାୟତା ମିଳିଛି। ବାଙ୍ଗିରିପୋଷି ବ୍ଲକ୍ ଅଞ୍ଚଳରେ କ୍ଷତଗ୍ରସ୍ତ ପରିବାର ପାଇଁ ମୋଟ ୧କୋଟି ୧୧ଲକ୍ଷ ୯୪ ହଜାର ଟଙ୍କା ପ୍ରଥମ ପର୍ଯ୍ୟାୟରେ ପହଞ୍ଚିଛି । ସେଥି ମଧ୍ୟରୁ ୨୩୩ ଜଣଙ୍କୁ ସୋମବାର ମୋଟ ୧୪ ଲକ୍ଷ ୨୬ ହଜାର ଟଙ୍କା ପ୍ରଦାନ କରାଯାଇଛି। କ୍ଷୟକ୍ଷତିର ପରିମାଣକୁ ନେଇ ୧୫ଟି ଟିମ ଆକଳନ ଜାରି ରଖିଛନ୍ତି।

### ରାଇରଙ୍ଗପୁର ଓ ବହଳଦା ଥାନାରେ ଯୋଗଦେଲେ ନୂଆ ଅଧିକାରୀ

ରାଇରଙ୍ଗପୁର,୨୪।୩(ମାନସ ମହାନ୍ତି)– ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାର ଆଇଆଇସି ଭାବେ ସରସ୍ୱତୀ ଟୁଡୁ ରବିବାର ଅପରାହ୍ନରେ ନୂତନ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଇନ୍ସପେକ୍ଟର ଟୁଡୁ ଏହା ପୂର୍ବରୁ ଦେବଗଡ଼ ଜିଲା କୁଣ୍ଡେଇଗୋଳା ଥାନା ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ଗ୍ରାମାଞ୍ଚଳ ଥାନା ଆଇଆଇସି ବିମଳ କୁମାର ନାୟକଙ୍କ ବାଲେଶ୍ୱର ଜିଲା ରେମୁଣା ଥାନା ଅଧିକାରୀ ଭାବେ ବଦଳି ହୋଇଛି।

ସେହିପରି ବହଳଦା ଥାନା ଅଫିସର ଇନଚାର୍ଜ୍ୟ ଭାବେ ସବ୍ ଇନ୍ସପେକ୍ଟର ଭାସ୍କର ପ୍ରଧାନ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ କମିଶନରେଟ୍‌ପୋଲିସ ଅଧୀନ କଟକସଦର ଥାନାରେ କାର୍ଯ୍ୟ କରୁଥିଲେ। ଉଭୟ ଥାନାର ନୂତନ ଅଧିକାରୀ ସେମାନଙ୍କ କାର୍ଯ୍ୟଭାର ଗ୍ରହଣ କରିବା ବେଳେ ସଂପୃକ୍ତ ଥାନାର କର୍ମଚାରୀମାନେ ସମ୍ବର୍ଦ୍ଧନା ଜଣାଇଥିଲେ।

## ଉପାନ୍ତ ସାହିତ୍ୟ ସମ୍ମିଳନୀ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ

ଝାରପୋଖରିଆ,୨୪।୩(ସୁଧିର କୁମାର ମହାନ୍ତ)

ଆସନ୍ତା ଉତ୍କଳ ଦିବସ ଉପଲକ୍ଷେ ଝାରପୋଖରିଆ ଉତ୍ତର ଓଡ଼ିଶା ଉପାନ୍ତ ସାହିତ୍ୟ ସମ୍ମିଳନୀ ପରିବାର ପକ୍ଷରୁ ପାଳିତ ହେବାକୁ ଥିବା ୨ ଦିନିଆ ଉପାନ୍ତ ସାହିତ୍ୟ ସମ୍ମିଳନୀ ନିମନ୍ତେ ଚୂଡାନ୍ତ ପ୍ରସ୍ତୁତି ବୈଠକ ରବିବାର ଅପରାହ୍ନ ୪ଟା ୩୦ମି. ସମୟରେ ଝାରପୋଖରିଆ ସୀମାନ୍ତ ମହାବିଦ୍ୟାଳୟ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସମିତିର ସ୍ଥାୟୀ ସଭାପତି ତଥା ସାରସକଣା ବିଧାୟକ ଭାଦବ ହାଁସଦାଙ୍କ ସଭାପତିତ୍ୱରେ ବୈଠକ ଅନୁଷଠିତ ହୋଇଥିଲା। ସମିତିର କାର୍ଯ୍ୟାଳୟ ସମ୍ପାଦକ ଅଧ୍ୟାପକ ନିହାର ରଞ୍ଜନ ମହାନ୍ତ ଉପସ୍ଥିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡ, ଛତିଶଗଡ଼, ପଶ୍ଚିମବଙ୍ଗ ସହିତ ଅନ୍ୟାନ୍ୟ ରାଜ୍ୟରେ ବସବାସ କରୁଥିବା ଓଡ଼ିଆ ସାହିତ୍ୟିକ, ଗାଳ୍ପିକ, କଥାକାର, ସାଂସ୍କୃତିକ, ଭାଷାଗବେଷକଙ୍କ ସହିତ ରାଜ୍ୟର ବିଭିନ୍ନ କଳାପ୍ରେମୀ ସାହିତ୍ୟିକ, ଗବେଷକଙ୍କୁ ନିମନ୍ତ୍ରଣ କରି ସମ୍ମାନୀତ କରିବାକୁ ଲେଖକ ଶିଉଲାଲ ମହାନ୍ତ ପ୍ରସ୍ତାବ ଦେଇଥିଲେ। ଆଗାମୀ ଉତ୍କଳ ଦିବସରେ ଆୟୋଜିତ ହେବାକୁ ଥିବା ଉତ୍ତର ଓଡ଼ିଶା ଉପାନ୍ତ ସାହିତ୍ୟ ସମ୍ମଳନୀର ଦୁଇଦିନିଆ କାର୍ଯ୍ୟକ୍ରମର ସୂଚନାବଳୀ ସୀମାନ୍ତ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ଅଧ୍ୟାପକ ଶିଶିର କୁମାର ପଟ୍ଟନାୟକ ଉପସ୍ଥାପନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମଟିକୁ କିପରି ବିପୁଳ ସଂଖ୍ୟାରେ ଲୋକାଭିମୁଖୀ କରାଯାଇପାରିବ ସେ ସମ୍ବନ୍ଧରେ ସମିତିର ସାଧାରଣ ସମ୍ପାଦକ ଭରତ ଚନ୍ଦ୍ର ମହାନ୍ତ ବ୍ୟକ୍ତବ୍ୟ ରଖିଥିଲେ। ବିଭିନ୍ନ ରାଜ୍ୟର ବ୍ୟକ୍ତି ବିଶେଷଙ୍କୁ ନିମନ୍ତ୍ରଣ ପତ୍ର ପ୍ରଦାନ କରାଯିବା ଦାୟିତ୍ୱ ସଙ୍ଗଠନର ସମ୍ପାଦକ ଅଜିତ୍ କୁମାର ପାଣିଗ୍ରାହୀଙ୍କୁ ଅର୍ପଣ କରାଯାଇଥିଲା।

ବୈଠକରେ ମୟୂରଭଞ୍ଜ ସାହିତ୍ୟ ସଂସଦର ସଭାପତି ମନୋଜ କୁମାର ଦଳବେହେରା, ଝାରପୋଖରିଆ ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟ ଶାନ୍ତନୁ କୁମାର ବେହେରା, ଝାରପୋଖରିଆ ଆମ ସୀମାନ୍ତ ମହୋତ୍ସବର ସମ୍ପାଦକ କ୍ରିଷ୍ଣକେଶବ ଦାସ, ସୀମାନ୍ତ ଯୁବମହୋତ୍ସବର ସଭାପତି ଅଶୋକ କୁମାର ପୁଷ୍ଟି, ଓଡ଼ିଶା ମଟର ଚାଳକ ସଂଘ ସାରସକଣା ଶାଖାର ସଭାପତି ବିଷ୍ଣୁପଦ ମଣ୍ଡଳ, ଉପାନ୍ତ ସାହିତ୍ୟ ସମ୍ମିଳନୀର ସମ୍ପାଦକ ଭରତ ଚନ୍ଦ୍ର ମହାନ୍ତ, ସଭ୍ୟ ଏକାଦଶୀ ମହାନ୍ତ, ଜାତୀୟ ଯୁବପ୍ରକଳ୍ପ ମୟୂରଭଞ୍ଜର ସଭାପତି କୁଞ୍ଜବିହାରୀ ସେଠୀ, ସ୍ଥାନୀୟ ବୁଦ୍ଧିଜୀବୀ ଓ ନେତୃବର୍ଗ ଯୋଗ ଦେଇଥିଲେ। ଅଧ୍ୟାପକ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଭୀମକୁଣ୍ଡର କାର୍ଯ୍ୟ ତଦାରଖ କଲେ ପର୍ଯ୍ୟଟନ ସଚିବ



ସଚିବ ବଲଓନ୍ତ ସିଂ କାର୍ଯ୍ୟ ତଦାରଖ କରୁଛନ୍ତି।

ଠାକୁରମୁଣ୍ଡା,୨୪।୩(ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲାର ଅନ୍ୟତମ ପର୍ଯ୍ୟଟନସ୍ଥଳୀ ଭୀମକୁଣ୍ଡର ଉନ୍ନତୀକରଣ କାର୍ଯ୍ୟ ନିମନ୍ତେ ପର୍ଯ୍ୟଟନ ବିଭାଗ ଦ୍ୱାରା ମଞ୍ଜୁର ହୋଇଥିବା ଅନୁଦାନରେ କାର୍ଯ୍ୟକାରୀ ହେଉଥିବା କାର୍ଯ୍ୟର ତଦାରଖ ନିମନ୍ତେ ରାଜ୍ୟ ପର୍ଯ୍ୟଟନ ସଚିବ ବଲଓନ୍ତ ସିଂ ସୋମବାର ଭୀମକୁଣ୍ଡରେ ପହଞ୍ଚି କାର୍ଯ୍ୟର ତଦାରଖ କରିଛନ୍ତି। ସଚିବଙ୍କ ଗସ୍ତ ସମୟରେ କେନ୍ଦୁଝର ଜିଲାପାଳ ବିଶାଲ ସିଂ, କରଞ୍ଜିଆ ଡିଏଫଓ ଶ୍ରୀକାନ୍ତ ନାୟକ, ଠାକୁରମୁଣ୍ଡା ରେଞ୍ଜ ଅଧିକାରୀ ଉମାକାନ୍ତ ବେହେରା, ପୂର୍ତ୍ତ ବିଭାଗର ଏସଡିଓ ଅମର ସୁବୁଦ୍ଧି, ଯନ୍ତ୍ରୀ କାଳିଚରଣ ସିଂ, ଫରେଷ୍ଟ ଗାର୍ଡ ବିକାଶ କୁମାର ମହାନ୍ତ ଉପସ୍ଥିତ ଥିଲେ।

### ବାଇକ୍ ଧକ୍କାରେ ସାଇକେଲ ଆରୋହୀଙ୍କ ମୃତ୍ୟୁ

ରାଇରଙ୍ଗପୁର,୨୪।୩(ମାନସ ମହାନ୍ତି)– ମୟୂରଭଞ୍ଜ ଜିଲା ଯାମଦା ଥାନା ଅନ୍ତର୍ଗତ ସୁନାମରା ଛକ ନିକଟରେ ରବିବାର ରାତି ୮ଟା ୩୦ମି. ସମୟରେ ଏକ ବାଇକ୍ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଯାମଦା ଥାନା ଅଧୀନ ଚାନ୍ଦିଖୋମଣ ଗ୍ରାମର ବଂଶୀଧର ହାଁସଦା(୪୦)। ଦୁର୍ଘଟଣା ପରେ ବଂଶୀଧରଙ୍କୁ ଗୁରୁତର ଅବସ୍ଥାରେ ରାଇରଙ୍ଗପୁର ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋମବାର ପୋଲିସ ମୃତଦେହ ଜବତ କରି ରାଇରଙ୍ଗପୁର ହସ୍ପିଟାଲରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ମାମଲା(ନଂ.୩୨/୨୫) ରୁଜୁ ହୋଇଛି।

